**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**2 August - 2024**

**News Editor : *Itishree Singh Rathaur***

*********************************

# ଆଳୁ ସଙ୍କଟ

ରାଜ୍ୟରେ ଆଳୁ ସଙ୍କଟର ସମାଧାନ ପାଇଁ ଉତ୍ତରପ୍ରଦେଶରୁ ଆଳୁ ଆଣିବା ପାଇଁ ବ୍ୟବସ୍ଥା କରାଯିବ ବୋଲି ଖାଦ୍ୟଯୋଗାଣ ଓ ଖାଉଟୀ କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି । ଭୁବନେଶ୍ୱର ଲୋକସେବା ଭବନରେ ଗତକାଲି ଅନୁଷ୍ଠିତ ବୈଠକରେ ମନ୍ତ୍ରୀ କହିଛନ୍ତି ଉତ୍ତରପ୍ରଦେଶରୁ କିଛି ଟ୍ରକରେ ଆଳୁ ଆସି ରାଜ୍ୟରେ ପହଞ୍ଚିଛି, ଆଗାମୀ ଦିନରେ ଅଧିକ ଆଳୁ ଅଣାଯିବ । ରାଜ୍ୟର ଏକ ପ୍ରତିନିଧି ଦଳ ଖୁବ୍‌ଶୀଘ୍ର ଉତ୍ତରପ୍ରଦେଶ ଗସ୍ତ କରିବେ । ଏଥିପାଇଁ ଉତ୍ତରପ୍ରଦେଶ ସରକାର ସମସ୍ତ ସହଯୋଗ ଯୋଗାଇ ଦେବେ ବୋଲି ମନ୍ତ୍ରୀ କହିଛନ୍ତି ।

# ଷ୍ଟାଣ୍ଡିଂ କମିଟି

ରାଜ୍ୟର ବିଭିନ୍ନ ବିଭାଗର କାର୍ଯ୍ୟକ୍ରମଗୁଡ଼ିକୁ ତର୍ଜମା କରି ରିପୋର୍ଟ ଦେବା ପାଇଁ ବିଧାନସଭାର ୧୦ଟି ବିଭାଗୀୟ ଷ୍ଟାଣ୍ଡିଂ କମିଟି ଗଠନ କରାଯାଇଛି । ସେଥିମଧ୍ୟରୁ ୭ଟି କମିଟିରେ ବିଜେପିର ବିଧାୟକମାନେ ଅଧ୍ୟକ୍ଷ ଥିବାବେଳେ ୨ଟି କମିଟିରେ ବିଜେଡି ଓ

ଗୋଟିଏ କମିଟିରେ କଂଗ୍ରେସ ଦଳର ବିଧାୟକ ଅଧ୍ୟକ୍ଷ ଅଛନ୍ତି । ଆସନ୍ତା ୨୦ ତାରିଖ ସୁଦ୍ଧା କମିଟିଗୁଡ଼ିକୁ ରିପୋର୍ଟ ଦେବାକୁ କୁହାଯାଇଛି ।

## ମେଧା ତାଲିକା

ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆସନ୍ତା ସୋମବାର ବିଷୟ ଅନୁଯାୟୀ ରାଜ୍ୟବ୍ୟାପୀ ସ୍ନାତକୋତ୍ତର ମେଧା ତାଲିକା ପ୍ରକାଶ ପାଇବ । ଛାତ୍ରଛାତ୍ରୀମାନେ ୬ରୁ ୧୨ ତାରିଖ ମଧ୍ୟରେ ସେମାନଙ୍କ ପସନ୍ଦର କଲେଜ ବାଛିପାରିବେ । ୨୦ତାରିଖ ଅପରାହ୍ଣ ୪ଟାରେ ପ୍ରଥମ ପର୍ଯ୍ୟାୟ ସିଟ୍ ବଣ୍ଟନ ତାଲିକା ପ୍ରକାଶ ପାଇବ । ଏହି ପର୍ଯ୍ୟାୟ ପାଇଁ ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ୨୧ ତାରିଖରୁ ୨୪ ତାରିଖ ଅପରାହ୍ଣ ୫ଟା ମଧ୍ୟରେ ନାମ ଲେଖାଇ ପାରିବେ । ଆସନ୍ତା ୩୧ ତାରିଖ ଦିନ ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ ।

## ମେଧାବୃତ୍ତି ପରୀକ୍ଷା

ଜାତୀୟ ଆୟଭିତ୍ତିକ ମେଧାବୃତ୍ତି ପରୀକ୍ଷା ଏନ୍ଏମ୍ଏମ୍ଏସ୍ ୨୦୨୪-୨୫ ପାଇଁ ଗତକାଲିଠାରୁ ଆବେଦନ ଆରମ୍ଭ ହୋଇଛି । ଆସନ୍ତା ସେପ୍ଟେମ୍ବର ମାସ ୮ ତାରିଖ ସୁଦ୍ଧା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଆବେଦନ ପତ୍ର ଦାଖଲ ହେବ । ସେପ୍ଟେମ୍ବର ୧୫ ସୁଦ୍ଧା ଆବେଦନପତ୍ର ଗୁଡ଼ିକ ଯାଞ୍ଚ ହେବ । ଡିସେମ୍ବର ୧ ତାରିଖରେ ପରୀକ୍ଷା ଅନୁଷ୍ଠିତ ହେବ । ଛାତ୍ରଛାତ୍ରୀମାନେ ନଭେମ୍ବର ୨୭ରୁ ଆଡ୍‌ମିଟ କାର୍ଡ ଡାଉନ୍‌ଲୋଡ କରିପାରିବେ ବୋଲି ଶିକ୍ଷକ ଶିକ୍ଷା

ନିର୍ଦ୍ଦେଶାଳୟ ଓ ରାଜ୍ୟ ଶିକ୍ଷା ଗବେଷଣା ପ୍ରଶିକ୍ଷଣ ପରିଷଦ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ସୂଚନାଯୋଗ୍ୟ ଚଳିତ ଶିକ୍ଷାବର୍ଷରେ ୩ହଜାର ୩୧୪ଟି ଜାତୀୟ ଆୟଭିତ୍ତିକ ମେଧାବୃତ୍ତି ପାଇଁ ପରୀକ୍ଷା ହେବ ।

## ଅସ୍ଥାବର ସମ୍ପତ୍ତି

ରାଜ୍ୟରେ ଅସ୍ଥାବର ସମ୍ପତ୍ତିର ମୂଲ୍ୟ ନିର୍ଦ୍ଧାରଣ କରିବା ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏକ ୬ଜଣିଆ କମିଟି ଗଠନ କରାଯାଇଛି । ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ବା ସରକାରୀ ଚଢ଼ଉ ବେଳେ ଅସ୍ଥାବର ସମ୍ପତ୍ତିର ବଜାର ମୂଲ୍ୟ ନିର୍ଦ୍ଧାରଣ କରିବାରେ ଏହି କମିଟି ସହାୟକ ହେବ ।

## ସ୍ତନ୍ୟପାନ ଗୃହ

ରାଜ୍ୟରେ ଥିବା ସମସ୍ତ କାର୍ଯ୍ୟାଳୟରେ କର୍ମଜୀବୀ ମା'ମାନଙ୍କ ପାଇଁ କ୍ରେଜ୍ ସହ ସ୍ତନ୍ୟପାନ ଗୃହର ବ୍ୟବସ୍ଥା କରିବା ପାଇଁ ମହିଳା ଓ ଶିଶୁବିକାଶ ବିଭାଗର ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ନିର୍ଦ୍ଦେଶ ଦେଇଛନ୍ତି । ବିଶ୍ୱ ସ୍ତନ୍ୟପାନ ସପ୍ତାହର ଶୁଭାରମ୍ଭ ଅବସରରେ ଶ୍ରୀମତୀ ପରିଡ଼ା କହିଛନ୍ତି ସ୍ତନ୍ୟପାନର ଉପକାରିତା ଏବଂ ଆବଶ୍ୟକତା ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରାଯିବ । ତୃଣମୂଳ ସ୍ତରରେ ଅଙ୍ଗନବାଡି କର୍ମୀ, ସହାୟିକା ଏବଂ ଜନସାଧାରଣଙ୍କୁ ଏ ଦିଗରେ ସଚେତନ ହେବାକୁ ସେ ଆହ୍ୱାନ ଦେଇଛନ୍ତି ।

## ନିଟ୍-ୟୁଜି

ନିଟ୍ ୟୁଜି ପ୍ରବେଶିକା ପରୀକ୍ଷା ୨୦୨୪ରେ ଅନିୟମିତତା ମାମଲାର ଯାଞ୍ଚ କରୁଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ସିବିଆଇ ଗତକାଲି ମାମଲାର ପ୍ରଥମ ଚାର୍ଜସିଟ୍ ଦାଖଲ କରିଛି । ଏଥିରେ ୧୩ଜଣଙ୍କୁ ଅଭିଯୁକ୍ତ ଦର୍ଶାଯାଇଛି । ଏହି ମାମଲାରେ ସିବିଆଇ ଏପର୍ଯ୍ୟନ୍ତ ୪୦ଜଣଙ୍କୁ ଗିରଫ କରିଥିବା ସୂଚନା ମିଳିଛି ।

## ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସ

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରସ୍ଥିତ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ କହିଛନ୍ତି ବିଶ୍ୱବିଦ୍ୟାଳୟରେ ରହିଥିବା ସମସ୍ୟା ଦୂର କରାଯିବା ସହ ଖୁବ୍‌ଶୀଘ୍ର ଅଧ୍ୟାପକ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରାଯିବ । ଏହି ଅବସରରେ ମନ୍ତ୍ରୀ ଓଡ଼ିଆ ଭାଷାର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ ।

## ଛାତ୍ରଛାତ୍ରୀ କ୍ୟାରିୟର କାଉନ୍‌ସେଲିଂ

ରାଜ୍ୟରେ ଛାତ୍ରଛାତ୍ରୀଙ୍କ କ୍ୟାରିୟର କାଉନ୍‌ସେଲିଂ କରାଯିବ । ଚଳିତ ଶିକ୍ଷାବର୍ଷରେ ଷ୍ଟାର ପିଏବି ଅଧୀନରେ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରାଯିବ । ଏଥିପାଇଁ ଏକ ସ୍ୱତନ୍ତ୍ର ୱେବିନାର ଆସନ୍ତାକାଲି ପୂର୍ବାହ୍ନରେ ଅନୁଷ୍ଠିତ ହେବ । ସରକାରୀ

ଅନୁଦାନପ୍ରାପ୍ତ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ଏସ୍‌ଏସ୍‌ଡି ସ୍କୁଲରେ ଏହି କାର୍ଯ୍ୟକ୍ରମ ହେବ । ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ଓସେପା ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଏଥିପାଇଁ ଚିଠି ଲେଖାଯାଇଛି ।

## ମେଟ୍ରୋ ରେଳ ପ୍ରକଳ୍ପ

ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ ପାଇଁ ଗୁଜରାଟର ଏକ କମ୍ପାନୀକୁ ଟେଣ୍ଡର ମିଳିଥିବା ଜଣାପଡିଛି । ଏହି କମ୍ପାନୀ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରୁ ଆଚାର୍ଯ୍ୟ ବିହାର ପର୍ଯ୍ୟନ୍ତ ମେଟ୍ରୋ ରେଳଷ୍ଟେସନ ନିର୍ମାଣ କରିବ । ସୂଚନା ଅନୁସାରେ ୨୬ କିଲୋମିଟର ବିଶିଷ୍ଟ ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ ପାଇଁ ୬ହଜାର ୨୫୫ କୋଟି ୯୪ ଲକ୍ଷ ଟଙ୍କା ଖର୍ଚ୍ଚ ହେବ । ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେସନ ସହାୟତାରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି ।

## କୌଶଳ ରଥ ପରିକ୍ରମା

କେନ୍ଦ୍ରାପଡା ଜିଲ୍ଲାରେ ଦକ୍ଷତା ବୃଦ୍ଧି, ନିଯୁକ୍ତି ତଥା ବୈଷୟିକ ଶିକ୍ଷା ପ୍ରଶିକ୍ଷଣ ଉପରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ କୌଶଳ ରଥ ପରିକ୍ରମା ପାଇଁ ନିଷ୍ପତ୍ତି ନିଆଯାଇଛି । ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆସନ୍ତା ୫ରୁ ୮ ତାରିଖ ପର୍ଯ୍ୟନ୍ତ କୌଶଳ ରଥ ପରିକ୍ରମା ପାଇଁ ନିଷ୍ପତ୍ତି ହୋଇଛି ।

# ପାଣିପାଗ

ବଙ୍ଗୋପ ସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ଆଜି ସୁଦ୍ଧା ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଝାରସୁଗୁଡା, ସୁନ୍ଦରଗଡ, କେନ୍ଦୁଝର, ସମ୍ବଲପୁର, ଦେବଗଡ ଓ ବରଗଡ ଜିଲ୍ଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଏହିସବୁ ଜିଲ୍ଲାଗୁଡ଼ିକ ପାଇଁ ସତର୍କ ସୂଚନା ଜାରି କରାଯାଇଛି । ଅପରପକ୍ଷରେ ଗତକାଲି ବାରିପଦାରେ ସର୍ବାଧିକ ୧୫୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି ।